# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26 April - 2024**

*News Editor : Tapan Kumar Maharana*

**********************************

## ମୁଖ୍ୟ ସମ୍ବାଦ

- ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ଆଜି ୮୮ଟି ଆସନରେ ଶେଷହେଲା ମତଦାନ
- ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ, ବରଗଡ଼ ଏବଂ ଆସିକା ସଂସଦୀୟ କ୍ଷେତ୍ର ସହିତ ୩୫ଟି ବିଧାନସଭା ଆସନ ପାଇଁ ଆଜି ବାହାରିଲା ବିଜ୍ଞପ୍ତି
- ନିର୍ବାଚନ ପ୍ରକ୍ରିୟାରେ ଭିଭିପାଟ୍ ଯାଞ୍ଚ ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

ଏବଂ

- ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଜାରି ରହିବ ଗ୍ରୀଷ୍ମ ପ୍ରବାହ; ସତର୍କ କଲା ପାଣିପାଗ ବିଭାଗ

## ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆରମ୍ଭ

ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଆଜି ମତଦାନ ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୧୩ଟି ରାଜ୍ୟର ୮୮ ଆସନ ପାଇଁ ମତଦାନ ଚାଲିଛି । କେରଳର ସମସ୍ତ ୨୦ଟି ଲୋକସଭା ଆସନ ସମେତ କର୍ଣ୍ଣାଟକର ୧୪, ରାଜସ୍ଥାନ ୧୩, ମହାରାଷ୍ଟ୍ର ୮, ଉତ୍ତରପ୍ରଦେଶ ୮, ମଧ୍ୟପ୍ରଦେଶ ୭, ଆସାମ ଓ ବିହାରରେ ପ୍ରତ୍ୟେକ ୫ , ଛତିଶଗଡ଼ ଓ ପଶ୍ଚିମବଙ୍ଗରେ ପ୍ରତ୍ୟେକ ୩ ଏବଂ ମଣିପୁର, ତ୍ରିପୁରା ଓ ଜମ୍ମୁ-କାଶ୍ମୀରର ଗୋଟିଏ ଲେଖାଏଁ ଆସନରେ ଶାନ୍ତିଶୃଙ୍ଖଳା ଏବଂ କଡ଼ା ସୁରକ୍ଷା ମଧ୍ୟରେ ମତଦାନ ହୋଇଥିଲା ।

## ଓଡ଼ିଶା– ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ନିର୍ବାଚନ

ଓଡିଶାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ୫ଟି ସଂସଦୀୟ କ୍ଷେତ୍ର ବରଗଡ଼, ସୁନ୍ଦରଗଡ, ବଲାଙ୍ଗୀର, କନ୍ଧମାଳ ଏବଂ ଆସିକା ସହିତ ଏହାର ପରିସର ମଧ୍ୟରେ ୩୫ଟି ବିଧାନସଭା ଆସନ ପାଇଁ ମଧ୍ୟ ବିଜ୍ଞପ୍ତି ଜାରି ହୋଇଛି । ଆସନ୍ତା ମଇ ମାସ ୨୦ ତାରିଖରେ ଏହି ୫ଟି ଲୋକସଭା ଓ ୩୫ଟି ବିଧାନସଭା ଆସନ ପାଇଁ ଭୋଟ୍ ନିଆଯିବ । ଆସନ୍ତା ମଇ ମାସ ୩ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିପାରିବେ । ମଇ ମାସ ୪ ତାରିଖରେ ନାମାଙ୍କନପତ୍ର ଯାଞ୍ଚ ଏବଂ ୬ ତାରିଖରେ ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଛି ।

ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ୫ ଲୋକସଭା କ୍ଷେତ୍ର ଅଧିନରେ ମୋଟ ୭୯ ଲକ୍ଷ ୬୨ ହଜାର ୧୪୮ ଜଣ ମତଦାତା ଅଛନ୍ତି । ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୪୦ ଲକ୍ଷ ୩୦ ହଜାର ୨୮୩ ଜଣ ଏବଂ ମହିଳା ଭୋଟରଙ୍କ ସଂଖ୍ୟା ୩୯ ଲକ୍ଷ ୩୧ ହଜାର ୧୫ ଜଣ ଅଛନ୍ତି। ଏହି ତାଲିକାରେ ୮୫୦ ଜଣ ତୃତୀୟଲିଙ୍ଗୀ ଭୋଟର ଥିବା ଜଣାପଡିଛି।

ଅନ୍ୟପକ୍ଷରେ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଚଳିତ ମାସ ୨୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର ଲୋକସଭା ଆସନ ଏବଂ ତାର ପରିସର ଅଧୀନରେ ଆସୁଥିବା ବିଧାନସଭା ଆସନଗୁଡ଼ିକ ପାଇଁ ମଇ ମାସ ୨୫ ତାରିଖରେ ଭୋଟ୍ ନିଆଯିବ।

## ଇ-ଆକାଉଣ୍ଟ ସ୍ଲିପ୍ ପ୍ରଦାନ

ଗତ ଆର୍ଥିକବର୍ଷ ୨୦୨୩-୨୪ ପାଇଁ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଥିବା କର୍ମଚାରୀମାନଙ୍କର ଭବିଷ୍ୟନିଧି ପାଣ୍ଠି ଇ-ଆକାଉଣ୍ଟ ସ୍ଲିପ୍ ପ୍ରଦାନ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ ଓଡ଼ିଶା ଲେଖା ନିୟନ୍ତ୍ରକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏହି ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଲେଖା ନିୟନ୍ତ୍ରକ ବିଶ୍ୱଜିତ୍ ମହାନ୍ତି କହିଛନ୍ତି, ବୈଷୟିକ ଜ୍ଞାନ କୌଶଳର ଉପଯୋଗ ଯୋଗୁଁ ୧ ମାସ ମଧ୍ୟରେ ଇ-ଆକାଉଣ୍ଟ ସ୍ଲିପ୍ର କାର୍ଯ୍ୟକାରୀ

କରାଯାଇଛି । ସରକାରଙ୍କର ଏହି ପଦକ୍ଷେପ ଯୋଗୁଁ ପ୍ରାୟ ୪୬ ହଜାର ୨୧୪ ଜଣ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ କର୍ମଚାରୀ ଉପକୃତ ହୋଇପାରିବେ ବୋଲି ଲେଖା ନିୟନ୍ତ୍ରକ କହିଛନ୍ତି । ହିତାଧିକାରୀମାନେ ଲେଖା ନିୟନ୍ତ୍ରକ କାର୍ଯ୍ୟାଳୟ **www.caoodisha.nic.in** ରେ ଲଗ୍‌ଇନ୍ କରି ସେମାନଙ୍କର ଇ-ଆକାଉଣ୍ଟ ସ୍ଲିପ୍ ପାଇପାରିବେ ।

## ଜେ.ପି.ନଡ୍ଡାଙ୍କ ଓଡ଼ିଶା ଗସ୍ତ

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଚଳିତ ମାସ ୨୮ ତାରିଖ ଦିନ ଦିନିକିଆ ଓଡିଶା ଗସ୍ତରେ ଆସିବେ ବୋଲି ପୂର୍ବତନ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ସାମ୍ବାଦିକମାନଙ୍କୁ କହିଛନ୍ତି । ଦିନିକିଆ କାର୍ଯ୍ୟକ୍ରମରେ ଶ୍ରୀ ନଡ୍ଡା ନବରଙ୍ଗପୁର ଓ ବ୍ରହ୍ମପୁର ଲୋକସଭା କ୍ଷେତ୍ର ଗସ୍ତ କରି ନିର୍ବାଚନୀ ସଭାରେ ଯୋଗଦେବେ । ପ୍ରଥମେ ବ୍ରହ୍ମପୁର ଏବଂ ପରେ ନବରଙ୍ଗପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ସେଠାରେ ଶ୍ରୀ ନଡ୍ଡା ବିଜେପି କାର୍ଯ୍ୟକର୍ତ୍ତାମାନଙ୍କୁ ଭେଟି ନିର୍ବାଚନ ସମ୍ପର୍କରେ ଆଲୋଚନା କରିବେ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।

## ଘରୋଇ ଔଷଧ ଦୋକାନ

ଓଡ଼ିଶା ହାଇକୋର୍ଟ ଚଳିତମାସ ୧୯ ତାରିଖରେ ସ୍ୱାସ୍ଥ୍ୟ ବିଭାଗର ଆବେଦନକୁ ଗ୍ରହଣ କରି ସରକାରୀ ଡାକ୍ତରଖାନା ପରିସରରୁ ଘରୋଇ ଔଷଧ ଦୋକାନ ହଟାଇବା ପାଇଁ ଅନୁମତି ଦେବା ପରେ ଆସନ୍ତା ୧୫

ଦିନ ମଧ୍ୟରେ ଔଷଧ ଦୋକାନଗୁଡ଼ିକୁ ଉଚ୍ଛେଦ କରାଯିବା ପାଇ ପଦକ୍ଷେପ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ଶାଳିନୀ ପଣ୍ଡିତ ଏ ସଂପର୍କରେ ୨୪ଟି ଜିଲ୍ଲାର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି । ଲାଇସେନ୍ସଧାରୀ ଔଷଧଦୋକାନଗୁଡ଼ିକରୁ ବକେୟା ପାଉଣା ମଧ୍ୟ ସଂଗ୍ରହ କରାଯିବ। ରାଜ୍ୟର ବିଭିନ୍ନ ଜିଲ୍ଲାର ସରକାରୀ ଡାକ୍ତରଖାନା ପରିସରରେ ଥିବା ୧୦୧ଟି ଘରୋଇ ଔଷଧ ଦୋକାନକୁ ଉଚ୍ଛେଦ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି।

## ସୁପ୍ରିମକୋର୍ଟ ଭିଭିପାଟ୍

ନିର୍ବାଚନରେ ଇଭିଏମ୍ ଏବଂ ଭିଭିପାଟକୁ ନେଇ ସୁପ୍ରିମକୋର୍ଟ ଆଜି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଭିଭିପାଟ୍ ଯାଞ୍ଚ ନେଇ ସମସ୍ତ ଆବେଦନକୁ ଅଦାଲତ ଖାରଜ କରିବା ସହିତ ବାଲାଟ୍ ପେପରରେ ମତଦାନ ଆବେଦନକୁ ମଧ୍ୟ ଖାରଜ କରିଛନ୍ତି। ଇଭିଏମ ଦ୍ୱାରା ହିଁ ମତଦାନ ହେବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ବିଚାରପତି ଜଷ୍ଟିସ ସଞ୍ଜିବ ଖାନ୍ନା ଓ ବିଚାରପତି ଜଷ୍ଟିସ ଦୀପାଙ୍କର ଦତ୍ତାଙ୍କ ନିଷ୍ପତ୍ତି ଅନୁସାରେ, ଭୋଟ୍ ଦେବା ଠାରୁ ୪୫ ଦିନ ପର୍ଯ୍ୟନ୍ତ ଭିଭିପାଟ୍ ସ୍ଲିପ୍ ସୁରକ୍ଷିତ ରହିବ। ଅଦାଲତ ତାଙ୍କ ରାୟରେ ଆହୁରି କହିଛନ୍ତି, ନିର୍ବାଚନ ଫଳାଫଳ ଘୋଷଣା ହେବାର ୭ ଦିନ ମଧ୍ୟରେ ପ୍ରାର୍ଥୀ ପୁନଃ-ଯାଞ୍ଚ ପାଇଁ ଦାବି କରିପାରିବେ। ଏହାଛଡ଼ା ଇଭିଏମ୍ ଏବଂ ଭିଭିପାଟ୍ ବ୍ୟବହୃତ ମାଇକ୍ରୋ କଣ୍ଟ୍ରୋଲର ମେମୋରୀ ଯାଞ୍ଚ କରାଯାଇପାରିବ। ଆବେଦନକାରୀ ପ୍ରାର୍ଥୀଙ୍କୁ ଏହି ଅନୁସନ୍ଧାନ ପାଇଁ ଖର୍ଚ୍ଚ

ବହନ କରିବାକୁ ପଡିବ। ଯଦି ଏହା ଭୁଲ ପ୍ରମାଣିତ ହୁଏ, ତେବେ ଟଙ୍କା ଫେରସ୍ତ ହେବ ବୋଲି ଅଦାଲତ ତାଙ୍କ ରାୟରେ କହିଛନ୍ତି।

## ନିର୍ବାଚନ ସ୍ଥିତି-ଗଜପତି

ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଜିଲ୍ଲାରେ ଲୋକସଭା ଏବଂ ବିଧାନସଭା ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ରାଜ୍ୟର ତିନୋଟି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର୍ ରାଜନୈତିକ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ପ୍ରଚାର କାର୍ଯ୍ୟ ସହ ରୋଡ୍ ଶୋ' ମାଧ୍ୟମରେ ଦଳର ଜନକଲ୍ୟାଣକାରୀ ଯୋଜନାକୁ ଦଳୀୟ ପ୍ରାର୍ଥୀମାନେ ଭୋଟରଙ୍କ ନିକଟରେ ତାଙ୍କ ଦଳକୁ ଭୋଟ୍ ଦେବା ପାଇଁ ନିବେଦନ କରୁଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ରାଜନୈତିକ ଉଷ୍ମତା ମଧ୍ୟ ବୃଦ୍ଧି ପାଉଛି। ଗଜପତି ଜିଲ୍ଲାର ନିର୍ବାଚନ ସମ୍ପର୍କିତ ତଥ୍ୟକୁ ନେଇ ଆମ ସମ୍ବାଦଦାତା ଗଣେଷ କୁମାର ରାଜୁଙ୍କ ରିପୋର୍ଟ...

**- V/O –**

## ନାମାଙ୍କନ ପତ୍ର ଦାଖଲ

ବିଜୁ ଜନତା ଦଳର ଦଶପଲ୍ଲା ବିଧାନସଭା ପ୍ରାର୍ଥୀ ରମେଶ ବେହେରା ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନୟାଗଡ଼ ଉପଜିଲ୍ଲାପାଳଙ୍କ

କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନାମାଙ୍କନ ପତ୍ର ଦାଖଲ ସମୟରେ କନ୍ଧମାଳର ବିଜେଡି ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ଆସନ୍ତା ମଇ ମାସ ୨୦ ତାରିଖରେ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଭୋଟ ନିଆଯିବ।

## ପ୍ରାର୍ଥୀପତ୍ର ଦାଖଲ

ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ବିଧାନସଭା ୬ ନମ୍ବର ଆସନ ପାଇଁ ବିଜେପି ପ୍ରାର୍ଥୀ ସୁରେଶ ପୂଜାରୀ ଆଜି ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ତଥା ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ଣ୍ଣିଂ ଅଧିକାରୀଙ୍କଠାରେ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିଥିବା ଜଣାପଡିଛି।

## ପର୍ଯ୍ୟବେକ୍ଷକ ନିୟୋଜିତ

ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ଗଜପତି ଜିଲ୍ଲା ପାଇଁ ମୁଖ୍ୟ ପର୍ଯ୍ୟବେକ୍ଷକ ଭାବେ ଗନ୍ଧମ ଚନ୍ଦ୍ରରୁଡୁ ନିୟୋଜିତ ହୋଇଛନ୍ତି। ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ମୋହନା ଓ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ଯଦି କୌଣସି ବ୍ୟକ୍ତି ବିଶେଷଙ୍କର ନିର୍ବାଚନ ସମ୍ପର୍କିତ କିଛି ଆପତ୍ତି ଅଭିଯୋଗ ଥାଏ ତାଙ୍କୁ ଜଣାଇବା ପାଇଁ ଅନୁରୋଧ କରିଛନ୍ତି। ଗନ୍ଧମ ଚନ୍ଦ୍ରରୁଡୁଙ୍କ ସହ ଯୋଗାଯୋଗ କରିବା ପାଇଁ ମୋବାଇଲ୍ ନମ୍ବର-୮୧୪୪୨-୧୧୨୦୫ ଜାରି କରାଯାଇଛି।

## ତାପମାତ୍ରା

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଗ୍ରୀଷ୍ମପ୍ରବାହ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଜାରି ରହିବ। ଜଗତ୍‌ସିଂହପୁର, ପାରାଦ୍ୱୀପ, କୋରାପୁଟ, ବାଲେଶ୍ୱର ବ୍ୟତିତ ରାଜ୍ୟର ସମସ୍ତ ସ୍ଥାନରେ ଦିନର ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିଲା। ଅନୁଗୁଳ, ବଲାଙ୍ଗିର, ବୌଦ୍ଧ ଓ ନୂଆପଡାରେ ଦିନର ସର୍ବାଧିକ ତାପମାତ୍ରା ୪୪ ଡିଗ୍ରୀରୁ ଅଧିକ ଥିଲା। ସେହିପରି ବାରିପଦା, ଝାରସୁଗୁଡ଼ା, ତାଳଚେର, ହୀରାକୁଦ, ଢେଙ୍କାନାଳ, ଯାଜପୁରର ତାପମାତ୍ରା ୪୩ ଡିଗ୍ରୀରୁ ଅଧିକ ଥିଲା। ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତାକାଲି ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଢେ଼ଙ୍କାନାଳ, ବୌଦ୍ଧ, ନୂଆପଡା ଏବଂ ଅନୁଗୁଳ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ହେବ। ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ଲୋକମାନଙ୍କୁ ସତର୍କ ରହିବା ପାଇଁ ସୂଚନା ଜାରି କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପେନସନ୍‌ଭୋଗୀମାନେ ସେମାନଙ୍କର ପେନସନ୍ ସମ୍ବନ୍ଧିତ କୌଣସି ବିଷୟରେ ଭୁବନେଶ୍ୱରସ୍ଥିତ ଏ.ଜି.ଙ୍କ କାର୍ଯ୍ୟାଳୟକୁ ନ ଆସି ଅନଲାଇନ୍‌ରେ ଆବେଦନ କରିବା ପାଇଁ କର୍ତ୍ତୃପକ୍ଷ କହିଛନ୍ତି।

******************************